# Akashvani, Sambalpur

## SAMBALPURI NEWS EVENING BULLETIN

## 11 September 2025- 7.02 pm- 7.12 pm.

*********************************************

୧- ରାଏଜେ ସାରର୍ ଅଭାବ୍ ନାଇଁନ- ଦର୍କାର୍ ପଡ୍‌ଲେ କେନ୍ଦ୍ରକେ ଆହୁରି ମଗାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

୨- ନେପାଲ୍ ନୁ ଫସିଥିବା ୨୩ ଝନ୍ ଓଡ଼ିଆ ପର୍ଯ୍ୟଟକଙ୍କୁ ସୁରକ୍ଷିତ୍ ଭାବେ ଅନାଗଲା ଭାରତ୍ ।

୩- 'ହେଲ୍‌ଦି ଡାଏଟ୍' ଅଭିଯାନ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ।

- ଘରର୍ ତିଆରି ଦରବ୍ ଖାଏବାର୍ ଉପ୍‌ରେ ଦେଲେ ଜୋର୍ ।

ଆଉର୍

୪- ଆଏବା ୫ ବଛର୍ ଭିତ୍‌ରେ ରାଏଜେ କେହି ଭୂମିହୀନ ନାଇଁ ରହନ୍- କହେଲେ ରାଜସ୍ୱ ମନ୍ତ୍ରୀ ।

ମୁଖ୍ୟମନ୍ତ୍ରୀ- ସାର ଯୋଗାଣ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁ ଜିଲ୍ଲା ନ ଥିବା ପେକ୍ସ ଆଉ ଲେମ୍ପସ୍ ଜରିଏ ଚାଷୀମାନ୍‌କୁ ଠିକ୍ ଭାବେ ସାର୍ ଯୁଗେଇ ଦିଆଯାଉଛେ କି ନାଇଁ ତାର୍ ତଦାରଖ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ସାର ଯୋଗାଣ ଥିତିର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଏଜେ ସାରର୍ ଅଭାବ୍ ନାଇଁନ । ସେପ୍ଟେମ୍ବର୍ ୩୦ ତାରିଖ୍‌ତକ୍ ରାଜ୍ୟକେ ୯ ଲାଖ୍ ୫୫ ହଜାର୍ ମେଟ୍ରିକ୍ ଟନ୍ ସାର୍ ଦର୍‌କାର୍ ଥିଲା ବେଲେ କେନ୍ଦ୍ର ସର୍‌କାର୍ ସେତ୍‌କି ମାତ୍ରାଥି ସାର୍ ଯୁଗେଇ ଦେଇଛନ୍ । ଦର୍‌କାର୍ ପଡ଼୍‌ଲେ ଆହୁରି ସାର୍ ଯୁଗେଇ ଦେବାର୍‌କେ କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରାଯିବା । ଜିଲ୍ଲାପାଲ୍‌ମାନେ ସାର ଯୋଗାଣର୍ ଥିତି ତଦାରଖ୍ କରିକରି କଲାବଜାରୀ, ବେଆଇନ୍ ଭାବେ ସାର୍ ଠୋଲ୍ କର୍‌ବାର୍ କି ନକ୍‌ଲି ସାର୍ ଅଭିଯୋଗ୍ ଆସ୍‌ଲେ ତୁର୍‌ତି କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ଅଭିଯୋଗ୍ ଆସ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ସହେତେ ଜବତ୍ ସାର୍‌କେ ପାଖର୍ ପେକ୍ସ କି

ଲେମ୍ପ୍‌ସ୍‌କେ ହସ୍ତାନ୍ତର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ନେପାଲ୍- ଓଡ଼ିଆ ପର୍ଯ୍ୟଟକ I&PR

ନେପାଲ୍‌ର ଇହାଦେର୍ ଥିତିକେ ନଜର୍‌ଥି ରଖିକରି ସେନ ଫସିଥିବା ୨୩ ଝନ୍ ଓଡ଼ିଆ ପର୍ଯ୍ୟଟକଙ୍କୁ ସୁରକ୍ଷିତ୍ ଭାବେ ଭାରତ୍ ଅନାଯାଇଛେ । ଇ ପର୍ଯ୍ୟଟକମାନ୍‌କର୍ ବାବ୍‌ଦେ ଖବର୍ ପାଏବାର୍ ଉତ୍‌ରୁ ଓଡ଼ିଶା ପରିବାର୍ ନିର୍ଦ୍ଦେଶାଳୟ ତର୍‌ଫୁ ନୂଆଦିଲ୍ଲୀ ଠାନେ ଥିବା ମୁଖ୍ୟ ଆବାସିକ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ, ବୈଦେଶିକ ବ୍ୟାପାର୍ ମନ୍ତ୍ରଣାଳୟ, କାଠ୍‌ମାଣ୍ଡୁ ଠାନେ ଥିବା ଭାରତୀୟ ଦୂତାବାସ ତର୍‌ଫୁ ମିଲିତ୍ ଭାବେ ସେମାନ୍‌କୁ ଫିରାବାର୍ ଲାଗି ଉଦ୍ୟମ୍ ମୁଲ୍ ହେଇଥିଲା । ସମ୍‌କୁ ଭାରତ୍ ଅନାଯିବାର୍ ଉତ୍‌ରୁ ନିଜର୍ ନିଜର୍ ଘରକେ ପଠାଯିବା ବଲି ଓଡ଼ିଶା ପରିବାର୍ ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ୧୮ ତାରିଖ୍ ଦିନ ରାଜ୍ୟ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ମୁଲ୍ ହେବା । ଅଧିବେଶନ୍ ଆଘୋନୁ ବାଚସ୍ପତି ସୁରମା ପାଢ଼ୀ ଆଏବା ୧୬ ତାରିଖ୍ ଦିନ ସର୍ବଦଲୀୟ ବୈଠକ୍ ଡାକିଛନ୍ । ବିଧାନ୍‌ସଭା ମୌସୁମୀ ଅଧିବେଶନ୍ ଶୃଙ୍ଖଲିତ୍ ଭାବେ ପରିଚାଲନା କର୍‌ବାର୍‌କେ ନେଇକରି ବାଚସ୍ପତି ସବୁ ଦଲର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ବୈଠକ୍‌ଥି ଆଲୋଚନା କର୍‌ବେ । ସୂଚ୍‌ନା ଅନ୍‌ସାରେ ଆଏବା ୧୮ ତାରିଖ୍ ମୁଲ୍ ହେବାର୍‌କେ ଥିବା ଅଧିବେଶନ୍ ୨୫ ତାରିଖ୍ ସର୍‌ବା, ଆଉ ଇଥି ୭ ଟା କାର୍ଯ୍ୟଦିବସ୍ ରହେବା ।

ମୁଖ୍ୟ ଶାସନ୍ ସଚିବ-ଦୁର୍ନୀତି I&PR

ରାଏଜେ ଦୁର୍ନୀତି ଆଏତ୍ କର୍‌ବାର୍ ଲାଗି ପ୍ରଶାସନିକ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ସହେତେ କଡ଼ା କାର୍ଯ୍ୟାନୁଷ୍ଠାନ୍ ଉପ୍‌ରେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଜୋର୍ ଦେଇଛନ୍ । ଇ ବାବ୍‌ଦେ ଭିନ୍ ଭିନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ପ୍ରମୁଖ ଶାସନ୍ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର୍ ମହାନିର୍ଦ୍ଦେଶକ୍, ଜିଲ୍ଲାପାଲ୍ ଆଉ ଅଲ୍‌ଗା ବିଭାଗ୍‌ର ବରିଷ୍ଠ ଅଧିକାରୀମାନ୍‌କୁ ଚିଠି ଲେଖିଛନ୍ । ଫଟିକ୍ ଆର୍ ନାଗରିକ୍ କୈନ୍ଦ୍ରିକ ପ୍ରଶାସନ ଉପ୍‌ରେ ସର୍‌କାର୍ ପ୍ରତିବଦ୍ଧ ଆନ୍ ବଲି

ସେ କହିଛନ୍ । ଦୁର୍ନୀତି ନିବାରଣ୍ ବିଭାଗ୍ ଜରିଏ ଚିହ୍ନଟ୍ ହେଇଥିବା ମାମ୍ଲାମାନ୍କର୍ ବାବ୍ଦେ ଶ୍ରୀ ଆହୁଜା କହିଛନ୍, ଇ ଦିଗେ ଜରୁରୀ କାର୍ଯ୍ୟାନୁଷ୍ଠାନ୍ ନିଆଯିବାର୍ ଉଚିତ୍ । ଦୁର୍ନୀତି ପୁରାପୁରି ଶେଷ୍ କର୍ବାର୍ ଲାଗି ପ୍ରଶାସନିକ୍, ଆଇନ୍ଗତ, ସାମାଜିକ୍, ଆର୍ଥିକ୍ ଆଉ ଶିକ୍ଷାମୂଲକ୍ ପଦକ୍ଷେପ୍ ଜରିଏ ବ୍ୟବସ୍ଥାଗତ ପ୍ରକ୍ରିୟାକେ ବର୍କସ୍ କର୍ବାର୍ ଲାଗି ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ ।

ଅପରେସନ୍ ପ୍ରହାର I&PR/ନୂଆପଡ଼ା ସମ୍ବାଦଦାତା

ରାଏଜେ ନିଶା କାର୍ବାର୍କେ ଆଏତ୍ କର୍ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ଅପରେସନ୍ ପ୍ରହାର୍ ମୁଲ୍ କରାଯାଇଛେ । ଅଭିଯାନ୍ଥି ଗଲା ୧ ତାରିଖ୍ନୁ ୭ ତାରିଖ୍ ଭିତ୍ରେ ସାରା ରାଏଜେ ପୁଲିସ୍ ତର୍ଫୁ ଚଢ଼ଉ କରାଯାଇକରି ବହୁତ୍ ମାତ୍ରାଥି ଗଞ୍ଜେଇ, ବ୍ରାଉନ୍ ସୁଗର୍, କଫ୍ ସିରପ୍, ମଦ୍ ଜବତ୍ କର୍ବାର୍ ସହେତେ ଇସବୁର୍ ଚୁରାଚାଲାଣ୍ ଉପ୍ରେ ଭିଲ୍ ରୋକ୍ ଲଗେଇଛେ । ଇ ସମିଆଥି ଶହେ ୧୦ ଟା ମାମ୍ଲା ରୁଜୁ କରାଯାଇଥିଲା ବେଲେ୍ ଶହେ ୫୭ ଝନ୍କୁ ଗିରଫ୍ କରାଯାଇଛେ ।

ସେଆଡ଼େ ଅପରେସନ୍ ପ୍ରହାର୍ ଜରିଏ ନୂଆପଡ଼ା ପୁଲିସ୍ ତର୍ଫ଼ୁ ଚୋରାଚାଲାଣ୍ ଚାଲିଥିଲା ବେଳେ ୫୧ କେଜି ନୁ ଅଏତ୍କା ଗଞ୍ଜେଇ ଜବତ୍ କରାଯାଇଛେ । ୧୧ ଝନ୍କୁ ଗିରଫ୍ କରାଯାଇକରି କୋର୍ଟ ଚାଲାଣ୍ କରାଯାଇଛେ ବଲି ଆରକ୍ଷୀ ଅଧିକ୍ଷକ ଅମ୍ରିତ୍ ପାଲ୍ ସିଂ ସୂଚ୍ନା ଦେଇଛନ୍ ।

ଘରୋଇ ଶିକ୍ଷାନୁଷ୍ଠାନ-ଅନୁମତି ହି.ସ.

ସର୍କାରୀ ଅନୁମତି ନାଇଁ ପାଇକରି ଚାଲିଥିବା ଘରୋଇ ଶିକ୍ଷାନୁଷ୍ଠାନ୍ ମାନ୍କର୍ ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫ଼ୁ ଇ ବାବ୍ଦେ ଘରୋଇ ଶିକ୍ଷାନୁଷ୍ଠାନ୍ ମାନ୍କୁ ତଥ୍ୟ ମଗାଯାଇଛେ । ଆଏବା ୧୫ ତାରିଖ୍ ଭିତ୍ରେ ତଥ୍ୟ ଦାଖଲ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ହେଲ୍ଦି ଡାଏଟ ୍ ଅଭିଯାନ I&PR

ଘରର୍ ବନାଲା ଦରବ୍ ଖାଇକରି ସୁସ୍ଥ ରହେବାର୍କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇଛନ୍ । ଭୁବ୍ନେଶ୍ୱର୍ ଠାନେ ଆଏଜ୍ 'ହେଲ୍ଦି ଡାଏଟ୍' ଅଭିଯାନ୍ର

ଶୁଭାରମ୍ଭ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭିନ୍ ଭିନ୍ ଖାଦ୍ୟ ଅଭ୍ୟାସ୍ ଉପ୍ରେ ଆଲୋଚନା କରିଛନ୍ । ଇ ଅବ୍ସରେ ଶ୍ରୀମତୀ ପରିଡ଼ା ଗାଁ ଗହଲିର୍ ମହିଲାମାନ୍କର୍ ମୋଟାପା ଦୂର୍ କର୍ବାର୍ ଉପ୍ରେ ଜୋର୍ ଦେବାର୍ ସହେତେ ଆଦିବାସୀ ମହିଲାମାନ୍କର୍ ଫିଟ୍ ରହେବାର୍ କାରଣ୍ ମଡ଼ିଆ ଆଏ ବଲି କହିଛନ୍...

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ଆଉ ୟୁନିସେଫ୍ ତର୍ଫୁ ମିଲିତ୍ ଭାବେ ହେଲ୍ଦି ଡାଏଟ୍ ଅଭିଯାନ୍ର ଶୁଭାରମ୍ଭ କରାଯାଇଛେ ।

ବସୁନ୍ଧରା ଯୋଜ୍ନା ଏକ୍ସ

ରାଜ୍ୟ ସର୍କାର୍ ବସୁନ୍ଧରା ଯୋଜ୍ନାଥି ଭୂମିହୀନ ମାନ୍କୁ ଜମି ଯୁଗେଇ ଦେବାର୍ ଲାଗି ଯୋଜ୍ନା କରୁଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବାବ୍ଦେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଆଏବା ୫ ବଛର୍ ଭିତ୍ରେ ରାଏଜେ କେହିଭିଲ୍ ଭୂମିହୀନ ନାଇଁ ରହନ୍ । ୪ ଡିସ୍ମିଲ୍ନୁ କମ୍ ଜମି ଥିବାର୍ ଲୁକ୍କୁ ଜମି ଯୁଗେଇ ଦିଆଯିବା । ଜଙ୍ଗଲ୍ ଭିତ୍ରେ

ରହୁଥିବା ଜନଜାତି ସମ୍ପ୍ରଦାୟର୍ ଲୁକ୍‌କୁ ୧୦ ଡିସ୍‌ମିଲ୍ ଜମି ଦିଆଯିବା । ହୀରାକୁଦ୍ ବିସ୍ଥାପିତ ମାନ୍‌କୁ ଭିଲ୍ ଜମି ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇତାର୍‌ସହେତେ ୨୨ ହଜାର୍‌ନୁ ଅଏତ୍‌କା ଶିକ୍ଷାନୁଷ୍ଠାନ୍‌କେ ଜମି ଯୁଗେଇ ଦେଇଛନ୍ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଜିଏସ୍‌ଟି ଦେବ୍‌ଗଡ଼୍ ସମ୍ବାଦଦାତା

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌ଥି ଅତି ଜରୁରୀ ଦରବ୍ ଆଉ ଜୀବନ୍ ରକ୍ଷକ୍ ଉଷୋକଷା ଉପ୍‌ରୁ ଜିଏସ୍‌ଟି ପୁରାପୁରି ଛାଡ଼୍ କରାଯାଇଛେ । ଇତାର୍‌ସହେତେ ବହୁତ୍‌ଟେ ମେଡ଼ିକାଲ୍ ଉପକରଣ୍ ଉପ୍‌ରୁ ଭିଲ୍ ଜିଏସ୍‌ଟି ପରିମାଣ୍ କମ୍ କରାଯାଇଛେ । ଯେନ୍‌ଟାକି ଗରିବ୍ ଆଉ ମଧ୍ୟବିତ ପରିବାର୍ ଲୁକ୍‌କୁ ଭିଲ୍ ଉନ୍ନତ୍ ଚିକିତ୍ସା ସୁବିଧା ଯୁଗେଇ ଦେଇପାର୍‌ବା । ଦେବ୍‌ଗଡ଼୍ ଜିଲ୍ଲା ନ ଆଦିବାସୀ ବହୁଳ ୫୨ ଟା ଗାଁନୁ ଲୁକ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ଉଷୋକଷା ଯୁଗେଇ ଦିଆଯାଉଛେ । ଜିଏସ୍‌ଟି କମ୍ ହେବାର୍‌ନୁ ଉଷୋ ବେପାରୀମାନେ ଭିଲ୍ କମ୍ ଦାମ୍‌ଥି ଉଷୋ ପାଇପାରୁଛନ୍ । ଇ ବାବ୍‌ଦେ ଦେବ୍‌ଗଡ଼୍‌ର ଉଷୋ ବ୍ୟବସାୟୀ ସଂଘର୍ ସଭାପତି ମୋତୀଲାଲ୍ ଶର୍ମା ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍-ମୋତୀଲାଲ୍ ଶର୍ମା)

ତୀର୍ଥଯାତ୍ରା ଯୋଜ୍ନା-ପ୍ରସ୍ତୁତି ବୈଠକ୍    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ନ ତୀର୍ଥଯାତ୍ରା ଯୋଜ୍ନା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଆଏଜ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ ଭୋଇଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ର ସୂଚ୍ନା ଅନ୍ସାରେ ଆଏବା ମାସର୍ ୮ ତାରିଖ୍ ଜିଲ୍ଲା ନ ତୀର୍ଥଯାତ୍ରୀମାନେ ଟ୍ରେନ୍ ଜରିଏ ଅଯୋଧ୍ୟା ବାରାଣାସୀ ଯାତ୍ରା କର୍ବେ । ଇଥି ସମ୍ବଲ୍ପୁର୍ ସହେତେ ସୁବର୍ଣ୍ଣପୁର୍, ଦେବ୍ଗଡ଼୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍, ବଲାଙ୍ଗିର୍ ଆର୍ ଅନୁଗୁଲ୍ର ୭ ଶହ ୭୫ ଝନ୍ ତୀର୍ଥଯାତ୍ରା କର୍ବେ ।

ଜିଲ୍ଲା ପରିଷଦ୍ର ବୈଠକ      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଆଏଜ୍ ଜିଲ୍ଲା ପରିଷଦ୍ର ବୈଠକ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲୋଙ୍କର୍ ସଭାପତିତ୍ୱଥି ହେଇଥିବା ବୈଠକ୍ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ,

ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ୍ ଜଗ୍‌ଦଲାଙ୍କର୍ ସହେତେ ଅଧିକାରୀ ଆଉ ଜନପ୍ରତିନିଧିମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବହୁତ୍‌ଟେ ପ୍ରସ୍ତାବ୍ ଗୃହିତ୍ ହେଇଥିଲା ।

ଉଦ୍ୟାନ କୃଷି ସମୀକ୍ଷା ବୈଠକ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ୍ ହରେକୃଷ୍ଣ ଚାନ୍ଦ୍ ହାଁସଦା ଯୋଗ୍ ଦେଇକରି କୃଷିଜୀବୀ ଆଉ ଶ୍ରମଜୀବୀମାନ୍‌କର୍ କମାନୀ ବଢ଼ାବାର୍ ଦିଗେ ଉଦ୍ୟାନ୍ କୃଷି ଆଉ ସମନ୍ୱୟ ବିଭାଗ୍‌ର ଚେରେଷ୍ଟା ବାବ୍‌ଦେ ବୁଝେଇଛନ୍ । ଉଦ୍ୟାନ୍ କୃଷି ସହେତେ ସମନ୍ୱିତ କୃଷି ଠିକ୍ ଭାବେ ପରିଚାଲନା କରାଗଲେ ଜିଲ୍ଲାର୍ ପ୍ରବାସୀ ଶ୍ରମିକ ସମସ୍ୟା ବହୁତ୍‌ଟେ କମ୍‌ବା ବଲି ଶ୍ରୀ ହାଁସ୍‌ଦା କହିଛନ୍ ।

ନୂଆପଡ଼ା- ଚଡ଼କ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ଡୁଡୁକାମୁଣ୍ଡା ଗାଁ ନ ଚଡ଼କ୍ ମାରିକରି ଆଏଜ୍ ଝନ୍‌କର୍ ଜୀବନ୍ ଯାଇଛେ । ଇଥି ଆଉ ୨ ଝନ୍ ଜବର୍ ଜଖମ୍ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ଝନ୍‌କର୍ ଅବସ୍ଥା ଗୁରୁତର ଅଛେ । ତିନ୍‌ହି ଜନ ଯାକ ଚାଷୀ ଆନ୍ ଆଉ ଖେତେ କାମ୍ କରୁଥିଲା ବେଲେ ଚଡ଼କ୍ ମାରିଥିବାର୍ ଜନାପଡ଼ିଛେ ।

ହଲ୍‌ମାର୍କ ସୁନା, ରୂପା କାର୍‌ବାର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ କେନ୍ଦ୍ରୀୟ ମାନବ ବ୍ୟୁରୋ ତର୍‌ଫୁ ବିଆଇଏସ୍ ହଲ୍‌ମାର୍କ ସୁନା ଆର୍ ରୂପା କାର୍‌ବାର୍ ବାବଦ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବ୍ୟୁରୋର ରାଜ୍ୟ ପ୍ରମୁଖ ଅକ୍ଷୟ କୁମାର୍ ପୁରୋହିତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ବିଆଇଏସ୍ ହଲ୍‌ମାର୍କ, ସୁନାର୍ ଶୁଦ୍ଧତା, ବିନା ଲାଇସେନ୍ସଥି ସୁନା ବିକ୍ରି ଉପ୍‌ରେ ରହିଥିବା ଦଣ୍ଡବିଧାନ୍ ଆର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରାଯାଇଥିଲା ।

ମା ପାଇଁ ଗଛଟିଏ-ତିୟାରି ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ ସଦର୍ ବ୍ଲକ୍ ବଢ଼ିଗାଁ ପଂଚାୟତ୍ ସହେତେ ଭିନ୍ ଭିନ୍ ଜାଗାକେ ଯାଇକରି ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ୍‌ର ତୟାରିର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଆଉ ନିର୍ବାହୀ ଅଧିକାରୀ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ଆର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସୈରେନ୍ଦ୍ରୀ ନାଏକ ଫୁଟ୍‌ବଲ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ କାଇଁଶିର୍ ଖେଲ୍‌ପଡ଼ିଆ ନ ଚାଲିଥିବା ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାଥି ଆଏଜ୍ ୨ ଟା ମେଚ୍ ଖେଲାଯାଇଥିଲା । ପହେଲା ମେଚ୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାସ୍କୁଲ୍ ୩/ଶୂନ୍ ଗୋଲ୍ ଦେଇକରି ଧନ୍‌କଉଡ଼ା ହାଇସ୍କୁଲ୍‌କେ ହରେଇଛେ । ସେନ୍ତା ଆଉ ଗୁଟେ ମେଚ୍‌ଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ୨/ଶୂନ୍ ଗୋଲ୍‌ଥି ଚିପିଲିମା ହାଇସ୍କୁଲ୍‌କେ ହରେଇଛେ ।

ଆତ୍ମହତ୍ୟା ନିବାରଣ ଦିବସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୋଡ଼େଲ୍ ଡିଗ୍ରୀ କଲେଜ୍ ସମ୍ମିଲନୀ କକ୍ଷ ନ ଆତ୍ମହତ୍ୟା ନିବାରଣ ଦିବସ୍ ସହେତେ ଦିନ୍‌କିଆ କର୍ମଶାଳା ହେଇଯାଇଛେ । ଇ ଅବ୍‌ସରେ ଅତିଥି ମାନେ ଯୁଆନ୍ ପିଢ଼ି ଭିତ୍‌ରେ ମାନସିକ ସନ୍ତୁଳନ ରଖ୍‌ବାର୍ ଉପ୍‌ରେ ବୁଝେଇଥିଲେ । ଦୁର୍ଲଭ ମୁନୁଷ୍ ଜୀବନ୍‌କେ ନଷ୍ଟ ନାଇଁ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଲୟ ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ଭିତ୍‌ରିଆ ଇଲାକା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । କୋରାପୁଟ୍, ମାଲ୍‌କାନ୍‌ଗିରି ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।